# ନାନା କଥା ଓ ଭକ୍ତି ବିନୋଦ

**୧. ଭାରତୀୟ ଆର୍ଯ୍ୟ ସନ୍ତାନମାନଙ୍କ ପକ୍ଷରେ କୌଣସି ପ୍ରକାରେ ମାଛ, ମାଂସାଦି ଭୋଜନ କରିବା ଉଚିତ ନୁହେଁ, ଏହା ସପକ୍ଷରେ ଯୁକ୍ତି କ'ଣ ?**

ଉ: ଆଜିକାଲି କେତେକଗୁଡ଼ିଏ ଲୋକଙ୍କର ଏମିତି ଗୋଟିଏ ଭ୍ରାନ୍ତ ବିଶ୍ୱାସ ହୋଇଯାଇଛି ଯେ ମାଛ ମାଂସ ଭୋଜନ ନ କରିଲେ ବହୁଦିନ ପର୍ଯ୍ୟନ୍ତ ନର ଶରୀରରେ ବଳ ଓ ଇନ୍ଦ୍ରିୟ ଭୋଗ କରିବାର ଶକ୍ତି ରହେନାହିଁ । ବିଦେଶୀ ଡାକ୍ତର ମାନଙ୍କର ପରାମର୍ଶ, ମତ୍ସ୍ୟ, ମାଂସ ଭୋଜନକାରୀ ମାନଙ୍କର ପ୍ରବୃତ୍ତି ଏବଂ ନାନାବିଧ ବିଦେଶୀ ସଭ୍ୟତାରୁ ଏ ବିଶ୍ୱାସଟି ଜନ୍ମଲାଭ କରିଅଛି । ବିଶେଷତଃ ଅତ୍ୟନ୍ତ ଇନ୍ଦ୍ରିୟ ପରତନ୍ତ୍ର ବ୍ୟକ୍ତିଗଣ ଭୋଗ ଲାଳସା ପ୍ରଯୁକ୍ତ ଏଇ ମତର ଅତ୍ୟନ୍ତ ପକ୍ଷପାତୀ ହୋଇ ଆମ ଦେଶର ଲୋକମାନଙ୍କର ମତ୍ସ୍ୟ, ମାଂସ ଭୋଜନର ପ୍ରବୃତ୍ତିକୁ ଉତ୍ତେଜିତ କରାନ୍ତି । ସେଇଥିପାଇଁ ଏହି ଫଳ ହେଉଅଛି ଯେ ପୁଣ୍ୟଭୂମି ଭାରତବର୍ଷର ଆର୍ଯ୍ୟ ସନ୍ତାନଗଣ ପୈତୃକ ଖାଦ୍ୟ ପରିତ୍ୟାଗ ପୂର୍ବକ ବିଜାତୀୟ ଦ୍ରବ୍ୟାଦି ଆହାର କରି କ୍ରମଶଃ ହୀନବଳ ଓ ବୀର୍ଯ୍ୟହୀନ ହେଉଛନ୍ତି । (ମତ୍ସ୍ୟ ମାଂସ ଭୋଜନ, ସ.ତୋ. ୨/୮)

**୨. ସାଧକ କ'ଣ ମାଦକ ଦ୍ରବ୍ୟ ସେବନ କରିପାରିବେ ?**

ଉ: ମଦ, ଗଞ୍ଜେଇ, ଅଫିମ, ଚରସ, ତମାଖୁ, ପାନ, ବିଡ଼ି, ସିଗାରେଟ୍ ଏପରିକି ଚା ଓ କଫି ମଧ ବୈଷ୍ଣବର ସେବନ କରିବା ଉଚିତ ନୁହେଁ । ଏଇ ସମସ୍ତ ବସ୍ତୁର ସେବନ ବୈଷ୍ଣବ ଶାସ୍ତ୍ର ବିରୁଦ୍ଧ । ଏହା ଦ୍ୱାରା ଜୀବ ତାର ବଶୀଭୂତ ହୁଏ ଏବଂ ସେଥିପାଇଁ ଅସତସଙ୍ଗ କରିବାକୁ ବାଧ୍ୟ ହୁଏ ।

**୩. ଈଶ୍ୱର ବିଶ୍ୱାସ କ'ଣ ମାନବ ଜାତିର ସାଧାରଣ ଧର୍ମ ନୁହେଁ ?**

ଉ: ଈଶ୍ୱର ବିଶ୍ୱାସ ମାନବ ଜାତିର ଗୋଟିଏ ସାଧାରଣ ଧର୍ମ । ଅସଭ୍ୟ ବନ୍ୟ ଜାତିଗଣ ପଶୁମାନଙ୍କର ନ୍ୟାୟ, ପଶୁମାଂସ ସେବନ ଦ୍ୱାରା କାଳାତିପାତ କରନ୍ତି । ତଥାପି ସେମାନେ ସୂର୍ଯ୍ୟ, ଚନ୍ଦ୍ର, ବୃହତ୍ ବୃହତ୍ ପର୍ବତ ଗଣ ତଥା ବଡ଼ ବଡ଼ ନଦନଦୀ ଏବଂ ପ୍ରକାଣ୍ଡ ବୃକ୍ଷ ସମସ୍ତଙ୍କୁ ଦଣ୍ଡବତ ପ୍ରଣାମ କରି ତାହାଙ୍କୁ ଦାତା ଓ ନିୟନ୍ତା ବୋଲି ପୂଜା କରନ୍ତି । (ଚୈ:ଶି:୧/୧)

**୪. ବୈଷ୍ଣବ ଓ ହିନ୍ଦୁଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ?**

ଉ: ଚାର୍ବାକାଦି ଅତି ପାଷାଣ୍ଡ ବ୍ୟକ୍ତି ମଧ ହିନ୍ଦୁ କିନ୍ତୁ ବୈଷ୍ଣବ ନୁହଁନ୍ତି । ଆମ୍ଭେମାନେ ବୈଷ୍ଣବ ହିନ୍ଦୁ, କେବଳ ହିନ୍ଦୁ ନୁହେଁ ଅର୍ଥାତ୍ ଆମ୍ଭମାନଙ୍କର ସମାଜ ହିନ୍ଦୁ, କିନ୍ତୁ ଆମ୍ଭମାନଙ୍କର ଧର୍ମ-ବୈଷ୍ଣବ ଧର୍ମ । ତଦ୍ରୁପ ହରିଦାସ ଠାକୁର ପ୍ରଭୃତି ପୂଜନୀୟ ପୁରୁଷଗଣ 'ହିନ୍ଦୁ' ନୁହଁନ୍ତି, କିନ୍ତୁ ସମସ୍ତ ଲୋକଙ୍କ ନମସ୍କୃତ୍ୟ 'ବୈଷ୍ଣବ' । ବେଦଶାସ୍ତ୍ରର ଯଥାର୍ଥ ତାତ୍ପର୍ଯ୍ୟାନୁସାରେ ଶ୍ରୀ ଶ୍ରୀ ମହାପ୍ରଭୁ ସମସ୍ତ ଜାତିକୁ ବୈଷ୍ଣବ ଧର୍ମର ଅଧିକାରୀ ବୋଲି ଉପଦେଶ କରିଛନ୍ତି ।

**୫. ସ୍ଥୂଳ ଓ ସୂକ୍ଷ୍ମ ଭାବରେ ସ୍ତ୍ରୀ-ପୁରୁଷଙ୍କର ପ୍ରୀତି ଚିରକାଳ ରହିପାରେ କି ?**

ଉ: ସ୍ତ୍ରୀ ଓ ପୁରୁଷ ସମ୍ବନ୍ଧ ଦୈହିକ । ଦେହର ନାଶ ହେଲେ ପରସ୍ପରଙ୍କର ପ୍ରେମ ଆଉ କେଉଁଠି ରହେ ? ଏକ ଆତ୍ମା ସ୍ତ୍ରୀ ଏବଂ ଅପର ଆତ୍ମା ପୁରୁଷ ଏହିପରି ନିତ୍ୟଭାବରେ ରହିଛି । ଏମାଙ୍କର କେତେବେଳେ ବି ବିନାଶ ହୁଏନାହିଁ । ଯେହେତୁ ସ୍ତ୍ରୀତ୍ୱ ଓ ପୁରୁଷତ୍ୱ କେବଳ ଶରୀର ଗତ ଭେଦମାତ୍ର, ଆତ୍ମାଗତ ନୁହେଁ,

ସେଇ ସ୍ତରରେ ମୃତ୍ୟୁ ପର୍ଯ୍ୟନ୍ତ ସ୍ତ୍ରୀ-ପୁରୁଷଙ୍କର ପ୍ରେମ ରହିପାରେ । ଯଦି ବୈଦାନ୍ତିକ ଦୃଷ୍ଟିର ନ୍ୟାୟ ଜନ୍ମାନ୍ତରବାଦ ଓ ସ୍ୱର୍ଗବାଦ ସ୍ୱୀକାର କରାଯାଏ ତେବେ ସେଇ ଅବସ୍ଥାରେ ଏଇ ଅକୃତ୍ରିମ ପ୍ରେମର ଚରିତାର୍ଥତା ଲାଭ କରାଯାଏ । ଏହିପରି ବିଶ୍ୱାସ ଯାହାବି ହେଉ; ତଥାପି ସଂପୂର୍ଣ୍ଣ ମୋକ୍ଷାବସ୍ଥାରେ ସ୍ତ୍ରୀ-ପୁରୁଷଙ୍କର ପ୍ରେମ ରହିପାରେ ।

**୬. ଜିହ୍ୱାଲାଳସା କ'ଣ ଭକ୍ତି ପ୍ରତିକୂଳ ?**

ଉ: ହଁ, ଜିହ୍ୱାର ଲାଳସାରେ ଯେଉଁମାନେ ଭ୍ରମଣ କରନ୍ତି, ସେମାନଙ୍କ ପକ୍ଷେ କୃଷ୍ଣ ପ୍ରାପ୍ତି ବଡ଼ କଷ୍ଟକର । (ଧୈର୍ଯ୍ୟ. ସ. ତୋ. ୧୧/୫)

## ବୈଷ୍ଣବ - ଗୃହସ୍ଥ ଓ ଭକ୍ତିବିନୋଦ

**୧. ଗୃହତ୍ୟାଗୀ ଓ ଗୃହସ୍ଥର ସାଧାରଣ ଅଧିକାର କ'ଣ ?**

ଉ: ଯେଉଁମାନେ ବିଷୟାସକ୍ତ ସେହିମାନେ କେତେବେଳେ ବି ନିଜର କାମବେଗ ସହ୍ୟ କରିପାରନ୍ତି ନାହିଁ, ଅନେକ ମଧ୍ୟ ଅବୈଧ ଯୌନ କର୍ମରେ ଲିପ୍ତ ହୁଅନ୍ତି, ଏହି ପ୍ରବୃତ୍ତି ସମ୍ବନ୍ଧରେ ଦୁଇ ପ୍ରକାର ଭଜନ ପିପାସୁ ଦେଖାଯାଏ । ସାଧୁସଙ୍ଗ ଫଳରେ ଯାହାଙ୍କର ରତି ଶୁଦ୍ଧତା ଲାଭ କରିଥାଏ, ସେଇମାନେ ସଂପୂର୍ଣ୍ଣ ରୂପେ ସ୍ତ୍ରୀସଙ୍ଗ ପରିତ୍ୟାଗ କରି ଭଜନ କରିଥା'ନ୍ତି, ଏହିମାନଙ୍କୁ ହିଁ 'ଗୃହତ୍ୟାଗୀ' ବୈଷ୍ଣବ ବୋଲି କୁହାଯାଏ । ଯେଉଁମାନଙ୍କର ସ୍ତ୍ରୀସଙ୍ଗ ପ୍ରବୃତ୍ତି ଦୂରୀଭୂତ ହୋଇନାହିଁ, ସେଇମାନେ ବିବାହ- ବିଧିକ୍ରମେ 'ଗୃହସ୍ଥ' ରହି ଭଗବତ ଭଜନ କରନ୍ତି । (ଧୈର୍ଯ୍ୟ. ସ. ତୋ. ୧୧/୫)

**୨. ଗୃହସ୍ଥ ବୈଷ୍ଣବଙ୍କର ପତ୍ନୀ ଓ ସନ୍ତାନ-ସନ୍ତତିଙ୍କ ପ୍ରତି ଆଚରଣ କେଉଁ ପ୍ରକାରର ହେବା ଉଚିତ୍ ?**

ଉ: ବିବାହିତ ସ୍ତ୍ରୀଙ୍କୁ ବୈଷ୍ଣବ ଧର୍ମରେ ଦୀକ୍ଷିତ କରି, ତାହାଙ୍କୁ ଯେତେ ଦୂର ସମ୍ଭବ ହୁଏ, ବୈଷ୍ଣବ ତତ୍ତ୍ୱ ଶିକ୍ଷାଦେଇ ପାରନ୍ତି । ବୈଷ୍ଣବ-ପତ୍ନୀ ସହିତ ବୈଷ୍ଣବ ଜଗତ ସମୃଦ୍ଧ ହେଲେ ଆଉ ବହିର୍ମୁଖୀ ପ୍ରବୃତ୍ତିର ଆଲୋଚନା ହୁଏନା । ଯେଉଁ ସବୁ ସନ୍ତାନମାନ ଉତ୍ପନ୍ନ ହେବେ, ସେମାନଙ୍କୁ ଭଗବାନଙ୍କର ଦାସ ବୋଲି ଜ୍ଞାନ କରିବେ । (ଚୈ. ଶି. ୩/୨)

**୩. ଛ'ବେଗ (ଷଡ଼ବେଗ) ଦମନ କରିବାର ଉପଦେଶ କ'ଣ ଗୃହସ୍ଥମାନଙ୍କ ପାଇଁ ନୁହେଁ ?**

ଉ: ଷଡ଼ବେଗକୁ ଜୟ କରିଥିବା ଆମ୍ନାନୁଗତ ବ୍ୟକ୍ତି ପୃଥିବୀକୁ ମଧ୍ୟ ଜୟ କରନ୍ତି । ଏଇ ବେଗ ସହ୍ୟର ଉପଦେଶ କେବଳ ଗୃହୀର ଭକ୍ତଙ୍କର ପକ୍ଷେ, କାହିଁକି ନା, ଗୃହତ୍ୟାଗୀ ପକ୍ଷେ ପରାକାଷ୍ଠାରୂପ ସଂପୂର୍ଣ୍ଣ ବେଗ ଗୁଡ଼ିକ ବର୍ଜନ ଗୃହତ୍ୟାଗର ପୂର୍ବରୁ ହିଁ ସିଦ୍ଧ ହୋଇଅଛି । (ପୀ. ପ. ବୃ. ୧ମ ଶ୍ଳୋକ)

**୪. ସାଧାରଣ ଗୃହସ୍ଥ ବୈଷ୍ଣବଗଣଙ୍କର ଜୀବନ ଯାତ୍ରା ବିଧି କେଉଁ ପ୍ରକାର ?**

ଉ: ସାଧାରଣ ଗୃହସ୍ଥ ବୈଷ୍ଣବଗଣ ସର୍ବଦା ନିଃଷ୍ପାପ ଚରିତ୍ରରେ, ନ୍ୟାୟ ଦ୍ୱାରା ଅର୍ଥ ଉପାର୍ଜନ କରି କୃଷ୍ଣଙ୍କର ସଂସାର ନିର୍ବାହ କରିବା ଉଚିତ ।

**୫. ଗୃହସ୍ଥମାନଙ୍କର ସର୍ବାପେକ୍ଷା ସଦ୍‌ବ୍ୟୟ କି ଭାବରେ ହେବା ଉଚିତ ?**

ଉ: ଯେଉଁମାନଙ୍କର ବେତନ ବେଶୀ ଏବଂ ଯେଉଁମାନେ ବଜାରରେ ମୂଳଧନ ଦେଇ କିଛି ବିଶେଷ ଉଦ୍ଭୁତ ଧନ ପାଆନ୍ତି ସେଇମାନଙ୍କର ସଂସାର ଯାତ୍ରା ନିର୍ବାହ ହୋଇ କିଛି କିଛି ଧନ ସଞ୍ଚୟ ହୁଏ । ସଞ୍ଚିତ ଅର୍ଥ ସତ୍‌କର୍ମରେ ବ୍ୟୟ କରିବା ଉଚିତ୍ । ମଦ୍ୟ, ମାଂସ, ଭୋଜନ, ଅସତ୍ ନାଟ୍ୟାଦି ଦର୍ଶନ, ବୃଥା ମୋକଦ୍ଦମା,

ଅସତ୍ ପାତ୍ରରେ ଦାନ ଇତ୍ୟାଦି ବହୁବିଧ ଅସତ୍ ବ୍ୟୟ ଅଛି । ଯେଉଁମାନେ ଶ୍ରୀମନ୍ ମହାପ୍ରଭୁଙ୍କର ଦାସ ହେବା ପାଇଁ ଇଚ୍ଛା କରନ୍ତି, ସେଇମାନେ ଉପାର୍ଜିତ ଅର୍ଥର ଅସତ୍ ବ୍ୟୟ ନ କରି ସତ୍‌ବ୍ୟୟ କରିବେ । ଅତିଥିସେବା, ଦୁଃଖୀ ଲୋକଙ୍କୁ ଅନ୍ନଦାନ, ପୀଡ଼ିତ ଲୋକଙ୍କୁ ଔଷଧ, ବିଦ୍ୟାର୍ଥୀଙ୍କୁ ବିଦ୍ୟାଦାନ, ଦରିଦ୍ର ଲୋକଙ୍କ କନ୍ୟା ବିବାହ କରାଇ ମୁକ୍ତ କରନ୍ତି- ଏଇ ସମସ୍ତ ସତବ୍ୟୟ ଅପେକ୍ଷା ଗୋଟିଏ ବିଶେଷ ଗୁରୁତର ସତବ୍ୟୟ ଅଛି । ସେହି ବ୍ୟୟ ଶ୍ରୀଭଗବତ୍ ସେବା ଓ ଶ୍ରୀ ଭାଗବତ ସେବାରେ ହିଁ ବିନିଯୋଗ ହେବା ଉଚିତ୍ । ତେଣୁ ପ୍ରଭୁର ଦୈନନ୍ଦିନ ସେବା ସଂପାଦନ ପାଇଁ ସମସ୍ତ ଗୃହସ୍ଥ ବୈଷ୍ଣବଙ୍କର ବଳକା ଅର୍ଥ କିଛି ଦେବା କର୍ତ୍ତବ୍ୟ ।

**୬. ଅତିଥି ସେବା ଗୃହସ୍ଥମାନଙ୍କର କର୍ତ୍ତବ୍ୟ କାହିଁକି ?**

ଉ: ଆତିଥ୍ୟ ଗୋଟିଏ ପ୍ରଧାନ ଧର୍ମ । ଯେଉଁ ଦେଶରେ ଆତିଥ୍ୟ ନାହିଁ, ସେ ଦେଶ ମରୁଭୂମି ତୁଲ୍ୟ ପରିତ୍ୟଜ୍ୟ ଅଟେ । ସାଧାରଣ ଗୃହସ୍ଥ ମଧ୍ୟରେ ଯାହାଙ୍କର ଆତିଥ୍ୟ ନାହିଁ, ବୃଥା ତାଙ୍କର ଜୀବନ । ଲୋକମାନେ ପ୍ରାତଃ କାଳରେ ତାଙ୍କର ନାମ ଉଚ୍ଚାରଣ କରନ୍ତି ନାହିଁ । ସୁତରାଂ ସେ ଜଣେ ପାପିଷ୍ଠମାନଙ୍କ ମଧରେ ଅଗ୍ରଗଣ୍ୟ ଅଟେ । ଆତିଥ୍ୟ ହିଁ ଗୃହସ୍ଥଙ୍କର ପ୍ରଧାନ ଧର୍ମ । ଗୃହସ୍ଥଙ୍କର ସମସ୍ତ ବିପଦ କେବଳ ଅତିଥିମାନଙ୍କର ସେବା ଦ୍ୱାରା ଦୂରିଭୂତ ହୁଏ । (ସ. ତୋ. ୭/୨)

**୭. ସାଧାରଣ ଅତିଥି ଓ ବୈଷ୍ଣବ ଅତିଥି ସେବାରେ ବୈଷ୍ଣବ ଗୃହସ୍ଥଙ୍କର କୌଣସି ତାରତମ୍ୟ କରିବା ଉଚିତ୍ କି ?**

ଉ: ଭକ୍ତ ଗୃହସ୍ଥ ଯେତେବେଳେ ଅତିଥି ପାଆନ୍ତି, ସେତିକି ବେଳେ ଦେଖିଥାଆନ୍ତି ଯେ ସେ ସାଧାରଣ ଅତିଥି ନା ବୈଷ୍ଣବ ଅତିଥି । ଯଦି ବୈଷ୍ଣବ ଅତିଥି ଦେଖନ୍ତି, ତାହାହେଲେ ତାହାଙ୍କୁ ସ୍ୱୟଂ ଭ୍ରାତାଠାରୁ ଅଧିକ ସ୍ନେହରେ ସେବା କରିଲେ, ଭକ୍ତିର ଉନ୍ନତି ସାଧନ ହେବ । ଯଦି ସାଧାରଣ ଅତିଥି ପାଆନ୍ତି, ତେବେ ସାଧାରଣ ଆତିଥ୍ୟ ବିଧାନରେ ସେଇ ଅତିଥିଙ୍କୁ ଯଥାଯୋଗ୍ୟ ଓ ଯଥାସାଧ୍ୟ ସେବା କରିବା ବୈଷ୍ଣବ ଗୃହସ୍ଥଙ୍କର ବ୍ୟବହାର ହେବା ଉଚିତ୍ ।

**୮. ଗୃହସ୍ଥଙ୍କର ପ୍ରଧାନ କାର୍ଯ୍ୟ କ'ଣ ?**

ଉ: ଭକ୍ତମାନଙ୍କର ସେବାହିଁ ଗୃହସ୍ଥଙ୍କର ପ୍ରଧାନ କାର୍ଯ୍ୟ ।

**୯. ଗୃହସ୍ଥ କେଉଁ ବିଷୟରେ ବିଶେଷ ଯତ୍ନଶୀଳ ହେବେ ?**

ଉ: ଗୃହସ୍ଥ ବୈଷ୍ଣବମାନଙ୍କର ସାଧୁସଙ୍ଗ ପ୍ରତି ବିଶେଷ ଯତ୍ନଶୀଳ ହେବା ଉଚିତ୍ ।

**୧୦. ବୈଷ୍ଣବ ଗୃହସ୍ଥ କେଉଁ ଆଦର୍ଶ ଅନୁସରଣ କରିବେ ? ସେଇମାନଙ୍କ ପକ୍ଷରେ ଅନ୍ୟାଭିଳାଷ ଏକାନ୍ତ ଭାବେ ପରିତ୍ୟାଗ କ'ଣ ପାଇଁ ?**

ଉ: ମହାପ୍ରଭୁ ଓ ତାଙ୍କ ପାର୍ଷଦମାନଙ୍କ ଗୃହସ୍ଥ ଚରିତ୍ର ଦେଖି ଗୃହସ୍ଥ ବୈଷ୍ଣବ ନିଜର ଚରିତ୍ର ଗଠନ କରିବେ । ଜୀବନଯାତ୍ରା ଓ ଜୀବନର ଜୀବିକା ନିର୍ବାହ କରିବା ନିମନ୍ତେ ପ୍ରଭୁଙ୍କର ଭକ୍ତଗଣ ଓ ପ୍ରଭୁ ସ୍ୱୟଂ ଯେଉଁ ଚରିତ୍ର ଦେଖାଇଯାଇଛନ୍ତି, ତାହା ହିଁ ଭକ୍ତ ଗୃହସ୍ଥଙ୍କର ଅନୁସରଣୀୟ । କୃଷ୍ଣକାମ ହୋଇ ଯେଉଁ କାର୍ଯ୍ୟଟି କରୁ ତାହାହିଁ ଭଲ । ଅବାନ୍ତର ଫଳ କାମନା ଓ ଇନ୍ଦ୍ରିୟ ତୃପ୍ତି ଜନିତ ଯାହା କରିବେ, ତାହାଦ୍ୱାରା ସଂସାରୀ ହୋଇ ପଡ଼ିବେ । (ସ. ତୋ. ୧୧/୧୨)

**୧୧.ଗୃହସ୍ଥ ବୈଷ୍ଣବଙ୍କର ଅନ୍ୟାନ୍ୟ କୃତ୍ୟ କ'ଣ ?**

ଉ: ଗୃହସ୍ଥ ବୈଷ୍ଣବ ତୁଳସୀର ସେବା କରିବେ । (ସ. ତୋ. ୧୧/୧୨)

**୧୨.ଅଧିକ ସଞ୍ଚୟ କରିବା କ'ଣ ବୈଷ୍ଣବ ଗୃହସ୍ଥଙ୍କର କର୍ତ୍ତବ୍ୟ ନୁହେଁ ?**

ଉ: ଗୃହସ୍ଥ ବୈଷ୍ଣବ ଯେଉଭଳି ଭକ୍ତି ନିର୍ବାହ, ସେହିଭଳି ସଞ୍ଚୟର ଆବଶ୍ୟକତା । ଅତ୍ୟଧିକ ସଞ୍ଚୟ ହେଉଛି ଅତ୍ୟାହାର । ଭଜନ ପ୍ରୟାସୀଗଣ ବିଷୟ ପ୍ରତି ବିଶେଷ ରୂପେ ମନ ଦେବା ହିଁ ଅତ୍ୟାହାର, ତେଣୁ ସେ ଆଡ଼କୁ ମନ ଦେବା ଉଚିତ ନୁହେଁ ।

**୧୩.କିଭଳି ବୈଷ୍ଣବ ନେଇ ବୈଷ୍ଣବ ଗୃହସ୍ଥ ମହୋତ୍ସବ କରିବେ ?**

ଉ: ବୈଷ୍ଣବଙ୍କୁ ସମ୍ମାନ କରିବେ, ବୈଷ୍ଣବତର ଓ ବୈଷ୍ଣବତମଙ୍କର ଚରଣାଶ୍ରୟ କରିବେ ଏବଂ ଏଇଭଳି ବୈଷ୍ଣବଙ୍କୁ ନେଇ ଗୃହସ୍ଥ ବୈଷ୍ଣବ ମହୋତ୍ସବ କରିବେ । (ଶ୍ରୀଃ ଶିଃ ୧୧ମ ପ)

**୧୪.ଗୃହସ୍ଥ କେଉଁ ବିଷୟରେ ବିଶେଷ ସତର୍କ ରହିବେ ?**

ଉ: ବୈଷ୍ଣବଙ୍କ ପ୍ରତି ଅପରାଧ ଯେଉଭଳି ନହୁଏ -ଏଇଥି ପାଇଁ ବିଶେଷ ସତର୍କ ରହିବେ । (ସ. ତୋ. ୧୧/ ୧୨)

**୧୫.ଭକ୍ତଙ୍କର ପକ୍ଷେ 'ଗୃହତ୍ୟାଗୀ' ବା 'ଗୃହସ୍ଥ' କେଉଁଟି ହେବା ଉଚିତ ?**

ଉ: ଭକ୍ତମାନଙ୍କ ପକ୍ଷରେ ଗୃହସ୍ଥ ରହିବା ବା ଗୃହତ୍ୟାଗ କରିବା ଏକା କଥା ଅଟେ । (ସ. ତୋ. ୧୧/୧୨)

**୧୬.ଗୃହସ୍ଥ ଅବସ୍ଥାଟା କ'ଣ ? ଏହା କ'ଣ ସବୁଦିନ ପାଇଁ ରକ୍ଷା କରିବାକୁ ପଡ଼ିବ ?**

ଉ: ଗୃହସ୍ଥ ଅବସ୍ଥାଟି ଜୀବର ଆତ୍ମତତ୍ତ୍ୱ ଉଦିତ କରିବାର ଓ ଶିକ୍ଷା କରିବାର ଚତୁଷ୍ପାଠୀ ବିଶେଷ । ଶିକ୍ଷା ସମାପ୍ତ ହେଲେ ଚତୁଷ୍ପାଠୀ ତ୍ୟାଗ କରିପାରନ୍ତି ।

## ପ୍ରଚାରକ ଓ ଭକ୍ତି ବିନୋଦ

**୧. ନିର୍ଜନ ଭଜନାନନ୍ଦୀ ଓ ହରିକୀର୍ତ୍ତନକାରୀ ପ୍ରଚାରକଙ୍କ ମଧ୍ୟରେ କିଏ ଜଗତରେ ଅଧିକ ଉପକାରୀ ?**

ଉ: ରୁଚି କ୍ରମେ ଯେଉଁ ସମସ୍ତ ଭକ୍ତ ସାଧୁମାନଙ୍କର ଧର୍ମ ଆଚରଣ କରି ଭଜନରେ ମଗ୍ନ ହୋଇ ପ୍ରଚାର କାର୍ଯ୍ୟରେ ଅନାଦର କରନ୍ତି, ତାହା ଅପେକ୍ଷା ପ୍ରଚାରକ ଜଗତର ଅଧିକ ଉପକାର ସାଧନ କରନ୍ତି ।

**୨. କେଉଁମାନଙ୍କର ପ୍ରଚାରକ ହେବାର ଯୋଗ୍ୟତା ଅଛି ?**

ଉ: ଶୁଦ୍ଧଭକ୍ତି ଯେ କି ବସ୍ତୁ-ସେ ଜ୍ଞାନଲାଭ କରି ସେହି ସମ୍ବନ୍ଧରେ ଯେଉଁମାନେ ନିରପରାଧରେ ନାମରସ ସେବନ କରନ୍ତି, ସେଇମାନେ ହିଁ ପ୍ରଚାରକ ହେବାର ଯୋଗ୍ୟ ।

**୩. କେବଳ ଭଲ କହିବାର ଶକ୍ତି ଥିଲେ କ'ଣ ପ୍ରଚାରକ ହୁଅନ୍ତି ?**

ଉ: ପ୍ରଚାର କାର୍ଯ୍ୟଟି ଭଜନ ବିଭାଗର ସଭ୍ୟଗଣଙ୍କୁ ଅର୍ପଣ କଲେ ଭଲ ହୁଏ । କେବଳ କହିବାର ଶକ୍ତି ଥିଲେହେଁ କେହି ଗୌରଶିକ୍ଷା ପ୍ରଚାରକ ହୋଇ ପାରନ୍ତିନାହିଁ ।

**୪. ପ୍ରଚାରକଙ୍କର ନାମଅପରାଧ ତତ୍ତ୍ୱ ବିଷୟରେ ଜାଣିବା ପ୍ରୟୋଜନ କ'ଣ ପାଇଁ ?**

ଉ: ପ୍ରଚାରକ ମାନଙ୍କର ନାମ ଅପରାଧ ଗୁଡ଼ିକ ଭଲ ଭାବରେ ଜାଣିବା ଆବଶ୍ୟକ । ସେଇଗୁଡ଼ିକ ଭଲ ଭାବରେ ଜାଣିଥିଲେ, ସେମାନେ ଉପଯୁକ୍ତ ନାମ ପ୍ରଚାରକ ହୋଇପାରିବେ । ନାମ ପ୍ରଚାର ସଙ୍ଗେ ସଙ୍ଗେ

ନାମ ଅପରାଧ ଠାରୁ ସର୍ବଦା ସତର୍କ ରହିବାକୁ ଉପଦେଶ ଦେବେ । ନଚେତ୍ ପ୍ରଚାରକଗଣ ମଧ୍ୟ ନିଜେ ନାମ ଅପରାଧୀ ହୋଇ ପଡ଼ିବେ ।

**୫. ଶୁଦ୍ଧ ପ୍ରଚାର କାର୍ଯ୍ୟରେ କ'ଣ କ'ଣ ପ୍ରୟୋଜନ ?**

ଉ: ଶୁଦ୍ଧ ରୂପେ ପ୍ରଚାର କରିବାକୁ ଗଲେ ପ୍ରଥମେ ନାମ ଗ୍ରହଣର ଶୁଦ୍ଧତା, ଦ୍ୱିତୀୟ-ପ୍ରଚାରକଙ୍କର ଶୁଦ୍ଧତା ଏବଂ ତୃତୀୟ-ଗ୍ରାହକମାନଙ୍କର ମଧ ଶୁଦ୍ଧତା ପ୍ରୟୋଜନ । ନାମ ଗ୍ରହଣରେ ଶୁଦ୍ଧତା ଏଇ ଯେ, ପ୍ରଚାରିତ ନାମ ଭଗବତ୍ ଲୀଳା ସୂଚକ ଓ ଜ୍ଞାନ-କର୍ମାଦି ଗନ୍ଧ ଶୂନ୍ୟ ହେବେ ।

**୬. ପ୍ରଚାରକ ଆଚରଣବାନ ହେବାର ଆବଶ୍ୟକତା କ'ଣ ?**

ଉ: ସାଧୁମାନଙ୍କର ଧର୍ମାଚରଣର ନାମ-'ଆଚରଣ' । ସେଇ ଧର୍ମ ଜଗତରେ ଅନ୍ୟ ଜ 1 ବ ଙ୍କ ନିକଟରେ ପ୍ରଚାର କରିବାର ନାମ ହିଁ 'ପ୍ରଚାର' । ଆଚରଣ ବା ପ୍ରଚାର କାର୍ଯ୍ୟରେ ନିଯୁକ୍ତ ହେବାକୁ ହେଲେ ପ୍ରଥମେ ସାଧୁମାନଙ୍କୁ ଧର୍ମ ଶିକ୍ଷା କରିବାର ଆବଶ୍ୟକ, କିନ୍ତୁ ଶିକ୍ଷା କରି କେହି କେହି ସ୍ୱୟଂ ଆଚରଣ କରିବାର ପୂର୍ବେ ହିଁ ପ୍ରଚାର କାର୍ଯ୍ୟ କରିଥାଆନ୍ତି, ସେଥିପାଇଁ ଯଥେଷ୍ଟ ଭଲ ପ୍ରଚାର କାର୍ଯ୍ୟ ହୁଏନାହିଁ ।

**୭. ସ୍ମାର୍ତ୍ତାଚାରୀ ବ୍ୟକ୍ତି କ'ଣ ଭକ୍ତି ତତ୍ତ୍ୱର ପ୍ରଚାରକ ହୋଇ ପାରିବେ ନାହିଁ ?**

ଉ: କେହି କେହି ଲୋକ ସ୍ୱୟଂ ଶୁଦ୍ଧଭକ୍ତିର ଆଚରଣ କରନ୍ତିନାହିଁ, ବରଂ କର୍ମକାଣ୍ଡାଦୃତ ସ୍ମାର୍ତ୍ତସମ୍ମତ ଆଚରଣ କରି ଥାଆନ୍ତି, ସେଇମାନେ ଯେଉଁ ଭକ୍ତିତତ୍ତ୍ୱର ଉପଦେଶ ଦିଅନ୍ତି, ତାହା ସର୍ବ ଶାସ୍ତ୍ର ବିରୁଦ୍ଧ । ପ୍ରଚାର କରିବାକୁ ହେଲେ ପ୍ରଥମେ ସ୍ୱୟଂ ଆଚରଣ କରିବା ଆବଶ୍ୟକ ।

**୮. କ'ଣ ପାଇଁ ପ୍ରଚାରକଙ୍କର ଶୁଦ୍ଧତାର ଆବଶ୍ୟକତା ଅଛି ?**

ଉ: ପ୍ରଚାରକଙ୍କର ଶୁଦ୍ଧତା ନିତାନ୍ତ ପ୍ରୟୋଜନ । ନାମ ଗାନ ସର୍ବତ୍ର ହିଁ ହୋଇଥାଏ, କିନ୍ତୁ ନାମରେ ଆକୃଷ୍ଟ ହୋଇ ତାହା ଶୁଣିବାକୁ ଯାଇ ପ୍ରଚାରକମାନଙ୍କର ଅଶୁଦ୍ଧତା ଦେଖି ଦୁଃଖ ଲାଗେ । ହୁଏତ ଗ୍ରାମର ବିପତ୍ତି ନିବୃତ୍ତି ପାଇଁ ବା ଶତ୍ରୁ କବଳରୁ ରକ୍ଷା ପାଇଁ କେତେ ଲୋକ ଭୟରେ ନାମ କରୁଛନ୍ତି । ଏହିପରି ଭୁକ୍ତି ବା ମୁକ୍ତି ପିପାସା ଜନୀତ ଦୂଷିତ ହୃଦୟରୁ ଯେଉଁ ନାମ ବାହାର ହୁଏ, ତାହା ପ୍ରତିବିମ୍ବ ନାମାଭାସ । ତାହା ଯୋଗୁଁ ଜୀବର ନିତ୍ୟ ମଙ୍ଗଳ ଲାଭ ସମ୍ଭବ ନୁହେଁ । ବିପଣି ପତି ଓ ବ୍ରାଜକ ବିପଣୀ ମହୋଦୟ (ସଭାପତି, ସଚିବ) ଗଣ ଯଦି ସେହିପରି ସ୍ପୃହାଶୂନ୍ୟ ହୁଅନ୍ତି, ସେମାନଙ୍କ ଦ୍ୱାରା ଶୁଦ୍ଧ ନାମ ପ୍ରଚାର ହେବ । ଯଦି ସେମାନେ ଅର୍ଥାଦି ପ୍ରାପ୍ତିର ଆଶାରେ ଅଥବା ନାମ ପ୍ରଚାର କରି ଲୋକଙ୍କ ନିକଟରେ ପ୍ରତିଷ୍ଠାଲାଭ ଆଶାରେ ପ୍ରଚାର କରନ୍ତି, ତାହାହେଲେ ନାମହଟ୍ଟର ଉଦ୍ଦେଶ୍ୟ ସଫଳ ହେବନାହିଁ । (ଶ୍ରୀ ଶ୍ରୀ ନାମହଟ୍ଟ ବିଃପଃ ୨ୟ ବର୍ଷ)